ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଚିତ୍ରଶିଳ୍ପୀ ଦିନନାଥ ପାଠୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ଭୁବନେଶ୍ୱର, ୦୮ ମାର୍ଚ୍ଚ, ୨୦୧୯

ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ପ୍ରସିଦ୍ଧ ଐତିହାସିକ ତଥା ଗବେଷକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏବଂ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଚିତ୍ରଶିଳ୍ପୀ ତଥା ସାହିତ୍ୟିକ ଦିନନାଥ ପାଠୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ।

କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ରାଜ୍ୟ ସଂଗ୍ରହାଳୟ ପରିସରରେ ଏବଂ ଦିନନାଥ ପାଠୀଙ୍କ ପ୍ରତିମୂର୍ତ୍ତି ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସର ମଧ୍ୟରେ ପ୍ରତିଷ୍ଠା କରାଯାଇଛି । ଆଜି ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ପଣ୍ଡା ଅନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ଗହଣରେ ଉଭୟ ପ୍ରତିମୂର୍ତ୍ତି ଅନାବରଣପୂର୍ବକ ସଂସ୍କୃତି ବିଭାଗ ପକ୍ଷରୁ ପୂଜ୍ୟପୂଜା ତଥା ସ୍ମୃତି ରକ୍ଷା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଉଲ୍ଲେଖ କରିଥିଲେ ।

ଉଭୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସହିତ ସାଂସଦ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ସଂଗ୍ରହାଳୟ ଅଧୀକ୍ଷକ ଡ. ଜୟନ୍ତୀ ରଥ, ପ୍ରଦ୍ୟୁମ୍ନ ଶତପଥୀ, ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ଉପସ୍ଥିତ ଥିବାବେଳେ ସଂଗ୍ରହାଳୟ ଏବଂ ମହାବିଦ୍ୟାଳୟର ଅଧିକାରୀ ତଥା କର୍ମଚାରୀବୃନ୍ଦ ସମବେତ ହୋଇଥିଲେ ।

ସଂସ୍କୃତି ବିଭାଗ ପକ୍ଷରୁ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଓ ଦିନନାଥ ପାଠୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ତଥା ପ୍ରତିଷ୍ଠା ବାବଦରେ ଯଥାକ୍ରମେ ପ୍ରାୟ ୭ ଲକ୍ଷ ୮୫ ହଜାର ଏବଂ ୧୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ କରାଯାଇଛି ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ